# ସଂସ୍କାର

*ଜନ୍ମନାଃ ଜାୟତେ ଶୁଦ୍ରଃ ସଂସ୍କାରାତ୍ ଭବେଦ୍ଦ୍ୱିଜଃ*

ସଂସ୍କାର ଶବ୍ଦର ଅର୍ଥ ହେଉଛି ଶୁଦ୍ଧିକରଣ । ପ୍ରତ୍ୟେକ ମନୁଷ୍ୟ ଜନ୍ମରୁ ଶୁଦ୍ର ଭାବେ ଜନ୍ମଗ୍ରହଣ କରିଥାନ୍ତି । କିନ୍ତୁ ସଂସ୍କାର ହେବା ପରେ ସେ ଦ୍ୱିଜ ବା ବ୍ରାହ୍ମଣ ହୋଇଥାଏ । ଶ୍ରୀଲ ଗୋପାଳଭଟ୍ଟ ଗୋସ୍ୱାମୀ ବୈଷ୍ଣବଙ୍କ ନିମିତ୍ତ ଆବଶ୍ୟକ ଦଶସଂସ୍କାର ବିଷୟରେ "ସତ୍କ୍ରିୟା ସାର ଦୀପିକା" ନାମକ ପୁସ୍ତକ ଲେଖିଛନ୍ତି । ସଂସ୍କାର ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ଭକ୍ତିମାର୍ଗରେ ଅଧିକ ପ୍ରଗତି କରିଥାଏ । ପ୍ରତ୍ୟେକ ସଂସ୍କାରରେ ଯୁଗଧର୍ମ ହରିନାମ ସଂକୀର୍ତ୍ତନ କରିବା ଅନିବାର୍ଯ୍ୟ ଅଟେ । ଶ୍ରୀଲ ଗୋପାଳ ଭଟ୍ଟ ଗୋସ୍ୱାମୀଙ୍କ କଥା ଅନୁସାରେ ୧୦ଟିରୁ ମାତ୍ର କେତୋଟି ମୁଖ୍ୟ ସଂସ୍କାର କଥା ନିମ୍ନରେ ବର୍ଣ୍ଣନା କରାଯାଇଛି ।

**(କ) ବିବାହ :-** ବିବାହ ଶବ୍ଦର ଅର୍ଥ ହେଉଛି ଉଦ୍ଧାର, ପାଳନ, ପୋଷଣ । ସେ ନିଜେ ତାର ପତ୍ନୀ ତଥା ସନ୍ତାନକୁ ଅଜ୍ଞାନର ଅନ୍ଧକାରରୁ ଉଦ୍ଧାର କରି ମୁକ୍ତିର ମାର୍ଗ ଦେଖାଇବେ । (ଏହି ସଂସ୍କାର ବିଷୟରେ ଭବିଷ୍ୟ ପୁରାଣରେ ଦେଖିପାରିବେ)

**(ଖ) ଗର୍ଭଧାନ ସଂସ୍କାର :-** (ସ୍ତ୍ରୀ ସଙ୍ଗ ବିଷୟ ଦେଖନ୍ତୁ)

**(ଗ) ନାମକରଣ ସଂସ୍କାର :-** ଏହା ଏକ ମହତ୍ତ୍ୱପୂର୍ଣ୍ଣ ସଂସ୍କାର ଅଟେ । ଶାସ୍ତ୍ର ଅନୁସାରେ ବାଳକକୁ ଦିଆଯାଇଥିବା ନାମ ଦୁଷ୍ଟ ଶକ୍ତିରୁ ରକ୍ଷା କରିଥାଏ । ଏଥିପାଇଁ ଏହି ନାମ ଭଗବାନଙ୍କ ନାମ କିମ୍ବା ତାଙ୍କ ଶୁଦ୍ଧ ଭକ୍ତଙ୍କ ନାମ ଅନୁସାରେ ଦେବା ଆବଶ୍ୟକ । ଏହି ସଂସ୍କାର ବାଳକର ଜନ୍ମ ପରେ ୧୦, ୧୧, ୧୨, ୧୦୧ ଦିନ କିମ୍ବା ଏକ ବର୍ଷ ପରେ ନୋହିଲେ ପୂର୍ଣ୍ଣିମା ଭଳି ଶୁଭ ତିଥିରେ କରାଯିବା ଉଚିତ୍ ।

**(ଘ) ଅନ୍ନପ୍ରାସନ୍ନ ସଂସ୍କାର :-**

ଏହି ସଂସ୍କାର ଶିଶୁ ପ୍ରଥମେ ଅନ୍ନ ଖାଇବା ସମୟରେ କରାଯାଇଥାଏ । ବାଳକକୁ ଷଷ୍ଠ ଅଥବା ଅଷ୍ଟମ ମାସରେ ଏବଂ ବାଳିକାକୁ ପାଞ୍ଚ କିମ୍ବା ସାତ ମାସରେ କରିବା ଶୁଭଜନକ । ଏହି ସଂସ୍କାରରେ ଶିଶୁକୁ ଭଗବାନ ତଥା ତାଙ୍କ ଶୁଦ୍ଧଭକ୍ତଙ୍କର ମହାପ୍ରସାଦ ପାଞ୍ଚୋଟି ମନ୍ତ୍ରପାଠ କରି ପାଞ୍ଚଥର ସେବନ କରିବାକୁ ଦିଆଯାଇଥାଏ । ଏକାଦଶୀ, ଜନ୍ମତିଥି ଓ ଜନ୍ମ ନକ୍ଷତ୍ରକୁ ଛାଡ଼ି ଅନ୍ନପ୍ରାସନ୍ନ ତିଥି ବା ଅନ୍ୟକୌଣସି ଶୁଭ ଦିବସରେ ମଧ୍ୟାହ୍ନ ସମୟରେ କରାଯାଇଥାଏ ।

**(ଙ) ଦାହ ସଂସ୍କାର :-**

ଚନ୍ଦନ ବଣରେ ନିମ୍ବ ବୃକ୍ଷ ରହିଲେ ଯେପରି ସୁଗନ୍ଧିତ ହୋଇଯାଏ, ଠିକ୍ ସେହିପରି କୃଷ୍ଣନାମ, କୃଷ୍ଣପ୍ରସାଦ ଗ୍ରହଣ ଓ କୃଷ୍ଣସେବାରେ ସର୍ବଦା ଯୁକ୍ତ ରହିବା ଦ୍ୱାରା ବୈଷ୍ଣବଙ୍କ ଶରୀର ପବିତ୍ର ଓ ଅପ୍ରାକୃତ ହୋଇଥାଏ । ତେଣୁ ତାଙ୍କୁ ଶବ ବା ଅସ୍ପୃଶ୍ୟ ଜ୍ଞାନ କରିବା ଅପରାଧ । ଜୀବକୁ ଭୌତିକ ଶରୀର ଠାରୁ ଅନାସକ୍ତ ରହିବା ଭୂତପ୍ରେତ ଯୋନି ଲାଭ ନ କରିବା ତଥା ଉଚ୍ଚତର ଲୋକକୁ ପ୍ରଗତି କରିବା ନିମିତ୍ତ ଏହି ସଂସ୍କାର କରାଯାଏ । ଯଦି ସମ୍ଭବ ହୁଏ ତେବେ ବ୍ୟକ୍ତିଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ନିକଟରେ ମହାମନ୍ତ୍ର କୀର୍ତ୍ତନ, ମୁଖରେ ଭଗବାନଙ୍କ ଚରଣରେ ଅର୍ପିତ ତୁଳସୀପତ୍ର, ଗଙ୍ଗାଜଳ ଓ ଚରଣାମୃତ ଦେବା ଉଚିତ୍ । ମୃତ୍ୟୁ ପରେ ଗଳଦେଶ ପର୍ଯ୍ୟନ୍ତ ବସ୍ତ୍ର ଆବୃତ କରି କୀର୍ତ୍ତନ ସମାରୋହରେ ଦେହାନ୍ତ ବ୍ୟକ୍ତିଙ୍କୁ ଖଟରେ ଶ୍ମଶାନକୁ ନେଇ ଦାହ ସ୍ଥାନ ପରିଷ୍କାର କରି ଚିତା ସଜାଇବା ସମୟରେ ତାଙ୍କୁ କୁଶ

ଆସନରେ ବସାଇ ସର୍ବାଙ୍ଗେ ଘୃତମର୍ଦ୍ଦନ କରିବେ । ପରେ ମନ୍ତ୍ରପାଠ ପୂର୍ବକ " **ଓଁ ଗୟା ଦୀନି ଚ ତୀର୍ଥାନି ଯେଚ ପୁଣ୍ୟା ଶିଲୋଚ୍ଛାୟାଃ । କୁରୁକ୍ଷେତ୍ରଞ୍ଚ ଗଙ୍ଗାଞ୍ଚ ସରିଦ୍ବରାମ୍ ॥ କୌଶିକୀ ଚନ୍ଦ୍ରଭାଗାଞ୍ଚ ସର୍ବ ପାପ ପ୍ରଣାଶିନୀମ୍ । ଭଦ୍ରାବକାଶଂ ସରୟୁଂ ଗଣ୍ଡୁକୀଂ ପନସାଂ ତଥା ॥ ବୈନବଞ୍ଚ ବରାହଞ୍ଚ ତୀର୍ଥଂ ପିଣ୍ଡାରକଂ ତଥା । ପୃଥିବ୍ୟାଂ ଯାନି ତୀର୍ଥାଣି ଚତୁରଃ ସଗରସ୍ତଥା ॥ ଧ୍ୟାତ୍ୱା ତୁ ମନସା ସର୍ବେ କୃତସ୍ନାନଂ ଗଦାୟୁଷମ୍ ॥" ତଥା ପଞ୍ଚଗବ୍ୟର ପାଞ୍ଚୋଟି ମନ୍ତ୍ର ଓ ସ୍ୱସ୍ତିବାଚନ ସହ** ପଞ୍ଚଗବ୍ୟ ଓ ଗଙ୍ଗାଯମୁନା ଆଦି ପବିତ୍ର ନଦୀ ଜଳରେ ସ୍ନାନ, ସର୍ବାଙ୍ଗ ପୋଛି ବସ୍ତ୍ର ପରିଧାନ, ଦ୍ୱାଦଶ ଅଙ୍ଗରେ ତିଳକ, ଲଲାଟ ଓ ବକ୍ଷରେ କୃଷ୍ଣନାମ ଲେଖି ପୁରୁଷର ଗଳଦେଶରେ ନାମାବଳୀର ଉତ୍ତରୀୟ, ମସ୍ତକରେ ନାମାବଳୀର ପଗଡ଼ି, ବ୍ରାହ୍ମଣଦୀକ୍ଷା ପ୍ରାପ୍ତ ହୋଇଥିଲେ ବ୍ରାହ୍ମଣଦୀକ୍ଷା ପ୍ରାପ୍ତ ନିଜ ଗୁରୁଭାଇଙ୍କ ଦ୍ୱାରା ନୂତନ ଉପବିତକୁ ଗାୟତ୍ରୀ ଜପ କରି ପିନ୍ଧାଇବେ । ଭଗବାନଙ୍କୁ ଅର୍ପିତ ପୁଷ୍ପମାଲ୍ୟ ପ୍ରଦାନ କରି ମୁଖରେ ମହାପ୍ରସାଦ ନିର୍ମାଲ୍ୟ ଅର୍ପଣ (ଅନୁକଳ୍ପ ଗ୍ରହଣ ଦିବସରେ ଅନୁକଳ୍ପ ପ୍ରସାଦ ଦେବେ) । ଦୁଇଚକ୍ଷୁ, ଦୁଇ ନାଶାରନ୍ଧ୍ର, ଦୁଇକର୍ଣ୍ଣରେ ଦୁଇଟି କରି ଏବଂ ମୁଖରେ ସାତଟି ଭଗବାନଙ୍କ ଅର୍ପିତ ତୁଳସୀ ଦେବେ । ଧୂପ, ମାଟି ଦୀପ, ଫୁଲରେ ଆରତୀ ନିବେଦନ କରିବେ । ବରିଷ୍ଠ ଭକ୍ତ ହୋଇଥିଲେ ସେହି ଭକ୍ତଙ୍କ ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳୀ ଦେବେ ।

ଚିତାରେ ଚନ୍ଦନକାଠ ଦେଇ ଉତ୍ତର ଦିଗକୁ ଶିର ରଖି ପୁରୁଷକୁ ପେଟେଇକି ଓ ସ୍ତ୍ରୀ ଲୋକଙ୍କୁ ଉପର ମୁଖ କରି ଶୁଆଇବେ । ଦେହ ଓ ମସ୍ତକରୁ ନାମାବଳୀ ଖୋଲିଦେବେ । ମୁଖାଗ୍ନି ଅଧିକାରୀ ବ୍ୟକ୍ତି ସ୍ନାନ ବା ମନ୍ତ୍ରସ୍ନାନ ଓ ତିଳକ କରି ଦକ୍ଷିଣ ସ୍କନ୍ଧରେ ଉପବୀତ ଓ ଉତ୍ତରୀୟ ଧାରଣକରି **"ଓଁ ଦେବାଶ୍ଚାଗ୍ନି ମୁଖାଃ ସର୍ବେ ହୁତାଶନଂ ଗୃହୀତ୍ୱା ଏନଂ ଦହସ୍ତୁ"**-ଏହି ମନ୍ତ୍ର ପଢ଼ି ବାମ ହସ୍ତରେ ଅଗ୍ନି ଧରି ମନ୍ତ୍ରପାଠ ପୂର୍ବକ **"ଓଁ କୃତ୍ୱା ତୁ ଦୁଷ୍କରଂ କର୍ମଂ ଜାନତା ବ୍ୟାପ୍ୟଜାନତା । ମୃତ୍ୟୁକାଳ ବସାତ୍ ପ୍ରାପ୍ୟ 'ନରଂ/ନାରୀଂ' ପଞ୍ଚତ୍ୱମାଗତମ୍ ॥ ଓଁ ଧର୍ମାଧର୍ମ ସମାୟୁକ୍ତଂ ଲୋଭ ମୋହ ସମାବୃତଂ । ଦହେୟଂ ସର୍ବ ଗାତ୍ରାଣି ଦିବ୍ୟାନ୍ ସ ଗଚ୍ଛତୁ ॥"** ଶବକୁ ସାତଥର ପ୍ରଦକ୍ଷିଣ କରିବେ । ଦାହକାର୍ଯ୍ୟ ଶେଷ ହେବାର କିଛି ସମୟ ପୂର୍ବରୁ ପୁତ୍ର ବା ଉତ୍ତରାଧିକାରୀ ବ୍ୟକ୍ତି ପ୍ରାଦେଶ ପ୍ରମାଣ (୧୨ ଆଙ୍ଗୁଳି)ସାତ ଖଣ୍ଡକାଠ ନେଇ ଚିତାର ବିପରୀତ ଦିଗକୁ ମୁଖ କରି ସାତଥର ପ୍ରଦକ୍ଷିଣ କରିବେ । ପ୍ରତ୍ୟେକ ଥର ଖଣ୍ଡିଏ ଲେଖାଏଁ କାଠ ନିକ୍ଷେପ କରିବେ । **'କ୍ରବ୍ୟାଦାୟ ନମସ୍ତୁଭ୍ୟାଂ'** ମନ୍ତ୍ର ପାଠ କରି କୁରାଢ଼ିରେ ଚିତା କାଠକୁ ସାତ ଥର ଆଘାତ କରି ଦାହକାର୍ଯ୍ୟ ସମାପ୍ତ କରିବେ । ଚିତା ଏକ ଯଜ୍ଞକୁଣ୍ଡ ସଦୃଶ ଓ ବୈଷ୍ଣବ ଶରୀର ଆହୁତି, ତେଣୁ ଘିଅ, କର୍ପୁର, ଝୁଣା ବ୍ୟବହାର କରିବେ । କିରୋସିନି ବ୍ୟବହାର କରିବେ ନାହିଁ ।

ଦାହର ପରେ ଗଙ୍ଗାଦି ତୀର୍ଥ ଜଳରେ ଦେହ ଭସ୍ମ ନିକ୍ଷେପ ପାଇଁ କିଛି ଅସ୍ଥି ସଂଗ୍ରହ କରି ଦାହକାରୀମାନେ ପ୍ରତ୍ୟେକ ତିନି ବା ସାତ କଳସୀ ପାଣି ଢ଼ାଳି ଚିତାଗ୍ନି ନିର୍ବାପନ କରିବେ । ଗୋଟିଏ ଜଳପୂର୍ଣ୍ଣ କଳସୀ ଚିତା ଉପରେ ରଖି ଗୋଟିଏ ଅସ୍ତ୍ର ଦ୍ୱାରା ବାମ ହସ୍ତରେ ପଛକରି କଳସୀଟିକୁ ଭାଙ୍ଗିବେ । ଦାହକାରୀମାନେ ବାମ ଦିଗକୁ ସ୍ନାନ କରିବାପାଇଁ ଜଳାଶୟକୁ ଚାଲିଯିବେ । ପଛକୁ ଅନାଇ ଚିତା ଦର୍ଶନ କରିବେ ନାହିଁ । ଜଳରେ ପ୍ରବେଶ କରି **"ଓଁ ଅପନଃ ଶ୍ୱସ୍ଥଚ ଦଖଂ"** ମନ୍ତ୍ର ପଢ଼ି ବାମ ହସ୍ତ ଅନାମିକା ଦ୍ୱାରା ଜଳକୁ ଆଲୋଡ଼ନ କରି ସ୍ନାନ କରିବେ । ସ୍ନାନାନ୍ତେ ଆଚମନ କରି ଦକ୍ଷିଣ ଦିଗକୁ ମୁଖ କରି ଛିଡ଼ାହୋଇ **"ଓଁ ଅମୁକ ଗୋତ୍ରଂ ସ୍ୱାଭିଷ୍ଟ ନିତ୍ୟଧାମଃ ପ୍ରସ୍ଥିତଂ ଅମୁକ ଦେବଶର୍ମଣଃ ଏତତ୍ ସଲିଲ ଉଦକାଞ୍ଜଳିନା ଅର୍ପୟାମୀ"** ମନ୍ତ୍ର ପାଠକରି

ପାଞ୍ଚଥର ଅଞ୍ଜଳି ଜଳ ଅର୍ପଣ କରିବେ । ତା'ପରେ ବସ୍ତ୍ର ଧାରଣ କରି ପ୍ରତ୍ୟାବର୍ତ୍ତନ କରିବେ ।

ପୂର୍ବରୁ ଗୃହଦ୍ୱାରରେ ପାତ୍ରରେ ନିମ୍ବପତ୍ର, ମହାପ୍ରସାଦ, ତୁଳସୀ, ଦୁର୍ବା, ଘୃତଯୁକ୍ତ ଶ୍ୱେତ ସୋରିଷ ଏବଂ ଏକ ଲୋଟା ଜଳ ଶିଳାଖଣ୍ଡ ଓ ଗୋବର ଘଷିର ନିଆଁ ପ୍ରସ୍ତୁତ କରି ରଖିବେ । ଦାହକାରୀମାନେ ଆସି ନିମ୍ବପତ୍ର ଦାନ୍ତରେ କାମୁଡ଼ିବେ ଓ ଆଚମନ କରିବେ । ତୁଳସୀ ସହ ମହାପ୍ରସାଦ ସେବନ କରି **"ଓଁ ଅମୃତା ପାପଂ ସମୟତୁ"** କହି ଦୁର୍ବା ସ୍ପର୍ଶ କରିବେ । ଶ୍ୱେତ ସୋରିଷ ଅଙ୍ଗରେ ନିକ୍ଷେପ କରି **"ଓଁ ଅଶ୍ମେବ ସ୍ଥିରୋ ଭୂୟାସମ୍"** କହି ଶିଳା ଖଣ୍ଡ ଉପରେ ଛିଡ଼ା ହୋଇ ଅଗ୍ନିକୁ ସ୍ପର୍ଶ କରି **"ଓଁ ଅଗ୍ନି ର୍ନଃ ଶର୍ମ୍ମ ଯଚ୍ଛତୁ"** । ନିଜ କୁଟୁମ୍ବ ବ୍ୟତୀତ ଅନ୍ୟ ଶବଦାହୀମାନେ କେବଳ ଅଗ୍ନି ସ୍ପର୍ଶ କରି ଘୃତ ପାନ କରିବେ ।

ବରିଷ୍ଠ, ଅଭିଜ୍ଞ ବୈଷ୍ଣବ ଯଜମାନଙ୍କ ଶରଣାପନ୍ନ ହୋଇ ତାଙ୍କରି ଆଦେଶ କ୍ରମେ ସମସ୍ତ କାର୍ଯ୍ୟ ନିର୍ବାହ କରିବେ । ପିତା, ମାତା ଓ ଗୁରୁଜନଙ୍କ ଅପ୍ରକଟ ପରେ ଅତ୍ୟନ୍ତ ପକ୍ଷେ ଅହୋରାତ୍ର ଉପବାସ କରିବେ । ଆଣିଥିବା ଅସ୍ଥି ଛୋଟ ପାତ୍ର ମଧ୍ୟରେ ରଖି ତୁଳସୀ ମୂଳରେ ପୋତି ତା ଉପରେ ବେଦି କରିବେ । ଅନ୍ତେଷ୍ଟି କ୍ରିୟା ପର୍ଯ୍ୟନ୍ତ ପରିବାରବର୍ଗ ବ୍ରତଧାରଣ ପୂର୍ବକ ରାତ୍ରି ଆହାର ନିଷେଧ କରି ହବିଷାନ୍ନ ପ୍ରସାଦ ଗ୍ରହଣ କରିବେ । ଭଗବାନଙ୍କ ପ୍ରସାଦ ନିଜେ ଆହାର କରିବା ପୂର୍ବରୁ ମୁଖାଗ୍ନି ଦେଇଥିବା ବ୍ୟକ୍ତି ଦେହାନ୍ତ ବ୍ୟକ୍ତି ଉଦ୍ଦେଶ୍ୟରେ ଧୂପ, ଦୀପ ଜାଳି ଆଚମନ ଦେଇ ବେଦି ଉପରେ ପ୍ରସାଦ ଅର୍ପଣ କରିବେ । ଜପ, କୀର୍ତ୍ତନ, ଶାସ୍ତ୍ର-ଅଧ୍ୟୟନ ଆଦି ତାଙ୍କ ଉଦ୍ଦେଶ୍ୟରେ କରିବେ । ଦୀକ୍ଷାପ୍ରାପ୍ତ ଭକ୍ତମାନେ ହିଁ କେବଳ ସ୍ୱତନ୍ତ୍ର ଭାବେ ନିତ୍ୟ ସେବିତ ଭଗବାନଙ୍କର ସେବା, ପୂଜା ଓ ରନ୍ଧନ ଆଦି କରିବେ । କିନ୍ତୁ ଅଦିକ୍ଷିତ ପରିବାର ବର୍ଗ ଅଶୌଚ ପାଳନ କରିବେ । ସେମାନେ ସେବାକାରୀଙ୍କୁ ଏବଂ ତାଙ୍କ ବ୍ୟବହୃତ ବସ୍ତ୍ରାଦିକୁ ମଧ୍ୟ ସ୍ପର୍ଶ କରିବେ ନାହିଁ । ଯଦି ସ୍ପର୍ଶ କରନ୍ତି, ତେବେ ସେବାକାରୀ ସ୍ନାନାଦି କରି ସେବା କରିବାକୁ ଯିବେ । ଦୀକ୍ଷା ଗ୍ରହଣକାରୀ ଭକ୍ତ ହେଲେ ମଧ୍ୟ ଯଦି ସେ ସ୍ୱଜନର ଦେହାନ୍ତରେ ଆତ୍ମଜ୍ଞାନ ରହିତ ହୋଇ ଅଧିକ ଶୋକାକୁଳ ହୁଅନ୍ତି ତେବେ ସେମାନେ ଭଗବାନଙ୍କର ସେବା କରିବା ଅନୁଚିତ । ଦଶଦିନରେ କ୍ଷୌରକର୍ମାଦି କରିବେ । ଏକାଦଶ ଦିବସରେ ବୈଷ୍ଣବ ତଥା ଆତ୍ମୀୟଙ୍କୁ ଆମନ୍ତ୍ରଣ କରି ନାମସଂକୀର୍ତ୍ତନ କରିବେ । ବୈଷ୍ଣବ ପୁରୋହିତଙ୍କ ଦ୍ୱାରା ଭଗବାନଙ୍କର ଅର୍ଚ୍ଚନ, ଯଜ୍ଞ, ଦାନ କରି ମହାପ୍ରସାଦରେ ପିଣ୍ଡ ପ୍ରଦାନ କରିବେ । ସମସ୍ତଙ୍କୁ ପ୍ରସାଦ ବିତରଣ କରି ଶ୍ରାଦ୍ଧ ସଂସ୍କାର ସମାପନ କରିବେ । ଭଗବାନଙ୍କୁ ଅର୍ପିତ ମହାପ୍ରସାଦରେ ପିଣ୍ଡଦାନ ନ କଲେ ପିତୃପୁରୁଷ ନର୍କଗାମୀ ହୋଇଥାନ୍ତି ।

***ଟିପ୍ପଣୀ:-*** ଏହି ସଂସ୍କାର ସଂପର୍କରେ କେବଳ କିଞ୍ଚିତ୍ ବର୍ଣ୍ଣନା ଦିଆଯାଇଛି । ତାହାର ବିସ୍ତୃତ ବିଧି ନିମିତ୍ତ ସଂସ୍କାର, ହରିଭକ୍ତି ବିଳାସ, ଅଥବା ସତ୍କ୍ରିୟା ସାର ଦୀପିକା ପୁସ୍ତକ ଅଧ୍ୟୟନ କରିବା ଉଚିତ୍ ।